ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ,ସୁନ୍ଦରଗଡ
OFFICE OF THE CHIEF DISTRICT VETERINARY OFFICER, SUNDARGARH
AT/PO- RANGADHIPA, DIST. SUNDARGARH PIN-770002
E-mail id- odisun-nadrs@nic.in

# ସଂଶୋଧନ

ପତ୍ର ସଂଖ୍ୟା ...୪୨୦୪... ତାରିଖ ...୨୮/୧୧/୨୦୨୪

କ୍ରମାଗତ ଭାବେ ତା. ୧୨.୦୨.୨୦୧୯ **www.sundargarh.nic.in,** ସୁନ୍ଦରଗଡ ଜିଲ୍ଲା ପୋର୍ଟାଲ, ତା. ୧୪.୦୨.୨୦୧୯ ର ଦୈନିକ ଓଡିଆ ଖବର କାଗଜ ସମାଜ ଏବଂ ସମ୍ବାଦ ପତ୍ରରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡ ତରଫରୁ ଖାଲି ଥିବା ପରିଚାରକ (Attendant) (Group-D) ପଦବୀ ଗୋ ମିତ୍ର ମାନଙ୍କ ମଧ୍ୟରୁ ପୁରଣ କରିବା ପାଇଁ ପ୍ରକାଶିତ ବିଜ୍ଞାପନକୁ ଖାରଜ କରିବାର ନିଷ୍ପତି ନିଆଗଲା ଏବଂ ନୁତନ ରୂପରେ ସଂଶୋଧନ କରି ନିମ୍ନମତେ ବିଜ୍ଞାପନ ପ୍ରକାଶିତ କରାଗଲା ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ
ସୁନ୍ଦରଗଡ

## ସଂଶୋଧିତ ବିଜ୍ଞାପନ

## ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ

ଏତଦ୍‌ଦ୍ୱାରା ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସୁନ୍ଦରଗଡଙ୍କ ତରଫରୁ ଖାଲିଥିବା ପରିଚାରକ (Attendant) (Group-D) ପଦବୀ ପ୍ରାଥମିକତା ଭିତିରେ ଗୋମିତ୍ର ମାନଙ୍କ ମଧ୍ୟରୁ ପୂରଣ କରିବା ପଇଁ ରାଜ୍ୟସରକାର ନିଷ୍ପତି ଗ୍ରହଣ କରିଛନ୍ତି । ତଦନୁଯାୟୀ ଖାଲି ଥିବା ଜିଲ୍ଲା ସ୍ତରୀୟ ଜାତିଗତ ସଂରକ୍ଷଣ ଭିତିକ ପଦବୀ ପୂରଣ ପାଇଁ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

| କ୍ର: ସଂଖ୍ୟା | ବର୍ଗ | ସିଧା ସଳଖ ନିଯୁକ୍ତି ମୋଟ ପଦବୀ |
|---|---|---|
| ୦୧ | ଅନୁସୂଚିତ ଜାତି (SC) | ୪ |
| ୦୨ | ଅନୁସୂଚିତ ଜନଜାତି(ST) | ୦ |
| ୦୩ | ଅଣସଂରକ୍ଷିତ (UR) | ୨୬ |
| | ମୋଟ | ୩୦ |

ଓଡିଶା ସରକାରଙ୍କ ସ୍ଥାନ ସଂରକ୍ଷଣ ନୀତିକୁ ଅନୁସରଣ କରାଯିବ । । ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀ /ପ୍ରାର୍ଥିନୀ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡଙ୍କୁ (Chief District Veterinary Officer, Sundargarh) ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ତା ୧୮.୧୨.୨୦୨୪ ଅପରାହ୍ଣ ୫.୦୦ ଘଟିକା ମଧ୍ୟରେ ଆବେଦନ କରିବା ଆବଶ୍ୟକ । ନିଯୁକ୍ତି ସମ୍ବନ୍ଧୀୟ ଆବଶ୍ୟକୀୟ ସର୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

୧. ଯୋଗ୍ୟତା :

କ. ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀ ବିଜ୍ଞାପନ ତାରିଖ ପର୍ଯ୍ୟନ୍ତ ଗୋ ମିତ୍ର କାର୍ଯ୍ୟ ସମ୍ପାଦନ କରୁଥିବେ ।

ଖ. ଗୋମିତ୍ର ପ୍ରାର୍ଥୀ /ପ୍ରାର୍ଥିନୀଙ୍କର କ୍ରମାଗତ ଭାବେ ୦୩ ବର୍ଷର କୃତ୍ରିମ ପ୍ରଜନନ (ଜାତୀୟ ଗୋ ମହିଷାଦି ପ୍ରଜନନ କାର୍ଯ୍ୟକ୍ରମ (NPCBB) କ୍ଷେତ୍ରରେ କାର୍ଯ୍ୟ କରିବାର ଅନୁଭୂତି ଥିବା ଆବଶ୍ୟକ ।

ଗ. ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀ ଓଡିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଶିକ୍ଷା ଅନୁଷ୍ଠାନ / ବିଦ୍ୟାଳୟରୁ ମଧ୍ୟ ଇଂରାଜୀ ପରୀକ୍ଷାରେ କିମ୍ବା ତତ୍ତୁଲ୍ୟ ପରୀକ୍ଷାରେ ଉତିର୍ଣ୍ଣ ହୋଇଥିବା ଆବଶ୍ୟକ ।

ଘ. ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀ ଭାରତର ନାଗରିକ ଓ ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବେ ।

ଙ. ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀ ଓଡିଆ କହିପାରୁଥିବେ, ପଢି ପାରୁଥିବେ ଓ ଲେଖି ପାରୁଥିବେ ।

ଚ. ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ନୈତିକ ଉତମ ଚରିତ୍ର ଥିବା ଆବଶ୍ୟକ ।

ଛ. ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଏକାଧିକ ଜୀବିତ ସ୍ତ୍ରୀ/ସ୍ୱାମୀ ନ ଥିବେ ।

ଜ. ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ବୟସ ୧୮ ବର୍ଷରୁ କମ୍ ଏବଂ ୫୫ ବର୍ଷରୁ ଉର୍ଦ୍ଧ(୦୧.୦୧.୨୦୨୪ ସୁଦ୍ଧା) ହୋଇ ନ ଥିବା ଆବଶ୍ୟକ ।

ଝ. ଜଣେ ଯୋଗ୍ୟ ଗୋମିତ୍ର ଅନ୍ୟଜିଲ୍ଲାରେ ମଧ୍ୟ ନିୟୋଜିତ ହେବାପାଇଁ ନିଜର ସହମତି/ସ୍ୱୀକୃତି ଦେଇ ପାରିବେ ।

୨. ଶାରୀରିକ ଦକ୍ଷତା :

(କ) ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀଙ୍କର ଉତମ ମାନସିକ ଅବସ୍ଥା, ଉତମ ଶାରୀରିକ ସ୍ୱାସ୍ଥ୍ୟ ଥିବା ଆବଶ୍ୟକ ଏବଂ ସୁଚାରୁ ରୂପେ କାର୍ଯ୍ୟ ନିର୍ବାହରେ ବ୍ୟାଘାତ ସୃଷ୍ଟି କରୁଥିବା କୌଣସି ଶାରୀରିକ ଅକ୍ଷମତା ନ ଥିବା ଆବଶ୍ୟକ । ସ୍ୱାସ୍ଥ୍ୟ ଗତ ଡାକ୍ତରୀ ପରୀକ୍ଷା ପରେ କୌଣସି ପ୍ରାର୍ଥୀ / ପ୍ରାର୍ଥିନୀ ଉପରୋକ୍ତ ସର୍ତାବଳୀକୁ ସନ୍ତୋଷ ଜନକ ଭାବେ ପୂରଣ କରୁ ନ ଥିଲେ ନିଯୁକ୍ତି ପ୍ରକ୍ରିୟାରୁ ବାଦ ପଡିବେ ।

(ଖ) ଗୋମିତ୍ର ପ୍ରାର୍ଥୀ /ପ୍ରାର୍ଥିନୀଙ୍କର ଉତମ ସ୍ୱାସ୍ଥ୍ୟ ସହିତ ଉଚ୍ଚତା ୫' (ପାଂଚ ଫୁଟ) ରୁ କମ୍ ହୋଇ ନ ଥିବ । କେବଳ ପୁରୁଷ ପ୍ରାର୍ଥୀଙ୍କ କ୍ଷେତ୍ରରେ ଅଣ ସଂପ୍ରସାରିତ ଛାତି ମାପ ୩୦"(ତିରିଶ ଇଂଚ)ହୋଇଥିବା ଆବଶ୍ୟକ ।

(ଗ) ଗୋମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀ ଉତମ ରୂପେ ସାଇକେଲ ଚଲାଇ ପାରୁଥିବେ ।

୩. ଚୟନ ପ୍ରକ୍ରିୟା :

(କ) ଜିଲ୍ଲା ଚୟନ କମିଟି ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁଯାୟୀ ଗୋ ମିତ୍ର ପଦରେ କାର୍ଯ୍ୟ କରିଥିବା ଅନୁଭୂତି ତଥା ଶାରୀରିକ ଦକ୍ଷତା ପରୀକ୍ଷା ଦ୍ୱାରା ପରିଚାରକ (Attendant) ପଦ ପାଇଁ ଚୟନ କରାଯିବ ।

(ଖ) ଯଦି ଉପରୋକ୍ତ ପଦବୀ ନିମନ୍ତେ କୌଣସି ଗୋଟିଏ ବର୍ଗ ରୁ ଉପଯୁକ୍ତ ପ୍ରାର୍ଥିନୀ ନ ମିଳନ୍ତି, ତାହେଲେ ସେହି ପଦବୀ ଉକ୍ତ ବର୍ଗର ଉପଯୁକ୍ତ ପ୍ରାର୍ଥୀ ମାନଙ୍କ ଦ୍ୱାରା ପୂରଣ କରାଯିବ ।

(ଗ) ଓଡିଶା ସରକାରଙ୍କ ସ୍ଥାନ ସଂରକ୍ଷଣ ନୀତିକୁ ଅନୁସରଣ କରାଯିବ ।

ନିର୍ଦ୍ଧାରିତ ଫର୍ମ ଅନୁଯାୟୀ ଆବେଦନ ପତ୍ର ଏବଂ ଆବଶ୍ୟକୀୟ ପ୍ରମାଣ ପତ୍ରର ଅବିକଳ ନକଲ (Attested True opy) ସବୁ ମୁଦା ଲଫାଫା ଭିତରେ ରଖି ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ସୁନ୍ଦରଗଡଙ୍କ କାର୍ଯ୍ୟାଳୟରେ (Chief District Veterinary Officer, Sundargarh) ଡାକ ମାଧ୍ୟମରେ (Speed Post ବା corrier) କିମ୍ବା ବ୍ୟକ୍ତିଗତ ଭାବେ ଦାଖଲ କରିପାରିବେ । ଦରଖାସ୍ତ ପଠାଇବା ଲଫାଫା ଉପରେ "ଯୋଗ୍ୟ ଗୋ ମିତ୍ରଙ୍କ ଦ୍ୱାରା ପରିଚାରକ (Attendant) ପଦ ପାଇଁ ଦରଖାସ୍ତ" ଉଲ୍ଲେଖ କରିବା ଆବଶ୍ୟକ ।

ପ୍ରକାଶ ଥାଉ କି, ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବାର ଅଧିକାର ନିମ୍ନ ସାକ୍ଷର କାରୀଙ୍କର ସଂରକ୍ଷିତ ରହିଅଛି ।

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ
ସୁନ୍ଦରଗଡ

C:\USERS\CDVO-LP1\DESKTOP\FINAL PEON- SNG 12.11.24.DOCX

# ଦରଖାସ୍ତ ଫର୍ମ

ଫଟୋ ସଂଲଗ୍ନ କରାଯିବ

ପ୍ରାପ୍ତେଷୁ,

ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ **ସୁନ୍ଦରଗଡ**

| | | | |
|---|---|---|---|
| ୧ | ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ନାମ | : | |
| ୨ | ପିତା/ସ୍ୱାମୀଙ୍କର ନାମ | : | |
| ୩ | ସ୍ଥାୟୀ ଠିକଣା | : | ଗ୍ରାମ ......... ......... ପୋଷ୍ଟ ......... .........<br>ଭାୟା ......... ......... ଜିଲ୍ଲା ......... .........<br>ପିନ୍ ......... ......... ମୋବାଇଲ ନଂ ......... |
| ୪ | ଯୋଗାଯୋଗ ଠିକଣା | : | ଗ୍ରାମ ......... ......... ପୋଷ୍ଟ ......... .........<br>ଭାୟା ......... ......... ଜିଲ୍ଲା ......... .........<br>ପିନ୍ ......... ......... ମୋବାଇଲ ନଂ ......... |
| ୫ | ଜାତୀୟତା | : | |
| ୬ | ଜନ୍ମ ତାରିଖ | : | |
| ୭ | ୦୧.୦୧.୨୦୨୪ ସୁଦ୍ଧା ପ୍ରାର୍ଥୀ/ ପ୍ରାର୍ଥିନୀଙ୍କ ବୟସ | | |
| ୮ | ଶିକ୍ଷାଗତ ଯୋଗ୍ୟତା | : | |
| ୯ | (i) ଉଚ୍ଚତା | : | (ii) ଛାତି ଅଣସଂପ୍ରସାରିତ (କେବଳ ପୁରୁଷ): |
| ୧୦ | ଜାତି(ST/SC/SEBC/UR) | : | |
| ୧୧ | ବିବାହିତା/ଅବିବାହିତା | : | |
| ୧୨ | ପୁରୁଷ/ ସ୍ତ୍ରୀ | : | |

ମୁଁ ଏତଦ୍ ଦ୍ୱାରା ଘୋଷଣା କରୁଅଛି ଯେ ମୋ ଦ୍ୱାରା ଦିଆ ଯାଇଥିବା ଉପରଲିଖିତ ସମସ୍ତ ତଥ୍ୟ ସତ୍ୟ ଓ ନିର୍ଭୁଲ ଅଟେ ।

ସ୍ଥାନ :-

ତା :-

ଆବେଦନକାରୀଙ୍କ ସାକ୍ଷର

**ଆବେଦନପତ୍ର ସହ ଦାଖଲ କରିବାକୁ ଥିବା ପ୍ରମାଣ ପତ୍ର :-**

୧. ଗେଜେଟେଡ ଅଫିସରଙ୍କ ଦ୍ୱାରା ଆଗପଟେ ଆଟେଷ୍ଟେଡ ହୋଇଥିବା ଦୁଇ ଗୋଟି ବର୍ତ୍ତମାନର ପାସ୍ ପୋର୍ଟ ସାଇଜ୍ ଫୋଟୋଗ୍ରାଫ୍ ହୋଇଥିବ । ତନ୍ମଧ୍ୟରୁ ଏକଗୋଟି ଫୋଟୋଗ୍ରାଫ ଦରଖାସ୍ତ ଫର୍ମ ଉପରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଅଠାଦେଇ ସଂଲଗ୍ନ କରିବା ଆବଶ୍ୟକ । ଅନ୍ୟଟି ଦରଖାସ୍ତ ସହିତ ସଂଯୋଗ କରିବାକୁ ହେବ ।

୨. ଶିକ୍ଷାଗତ ଯୋଗ୍ୟତାର ପ୍ରମାଣ ପତ୍ରର ଅବିକଳ ନକଲ ।

୩. ବୟସ ପ୍ରମାଣ ପତ୍ରର ଆଟେଷ୍ଟେଡ କପି ।

୪. ସ୍ଥାନୀୟ ତହସିଲଦାରଙ୍କ ଠାରୁ ସ୍ଥାୟୀ ବାସିନ୍ଦାର ପ୍ରମାଣ ପତ୍ରର ଆଟେଷ୍ଟେଡ କପି ।

୫. ବୈଧ ପରିଚୟ ପତ୍ରର ଆଟେଷ୍ଟେଡ କପି ।

୬. ଜାତିଗତ ପ୍ରମାଣ ପତ୍ର(ST/SC/SEBC)ର ଆଟେଷ୍ଟେଡ କପି ।

୭. ଦୁଇଗୋଟି ଚରିତ୍ର ପ୍ରମାଣ ପତ୍ର ଭିନ୍ନ ଭିନ୍ନ ଗେଜେଟେଡ ଅଫିସରଙ୍କ ଠାରୁ ଯିଏ କି ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ସମ୍ପର୍କୀୟ ହୋଇ ନ ଥିବେ ।

୮. ଗୋ ମିତ୍ର ପ୍ରାର୍ଥୀ/ପ୍ରାର୍ଥିନୀ ସଂପୃକ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଠାରୁ ବିଜ୍ଞାପନ ତାରିଖ ପର୍ଯ୍ୟନ୍ତ ଗୋ ମିତ୍ର ଭାବେ କାର୍ଯ୍ୟ ସମ୍ପାଦନ କରୁଥିବାର ଏବଂ କ୍ରମାଗତ ୩ ବର୍ଷ ବା ତତୋଧିକ କୃତ୍ରିମ ପ୍ରଜନନର ସନ୍ତୋଷଜନକ କାର୍ଯ୍ୟ କୁସଳତାର  ଅଭିଜ୍ଞତାର ପ୍ରମାଣ ପତ୍ର ଦାଖଲ କରିବେ ।

୯. ଅନ୍ୟ ଜିଲ୍ଲାରେ ନିୟୋଜିତ ହେବା ପାଇଁ ନିଜର ସହମତି ପତ୍ର ଦାଖଲ କରିବେ । (ଆବଶ୍ୟକ ସ୍ଥଳେ)

ସ୍ଥାନ.

ତା.

ଆବେଦନକାରୀଙ୍କ ସାକ୍ଷର